## ବର୍ଷା ସାଙ୍ଗକୁ କୁଆପଥର ମାଡ଼

**ଭଦ୍ରକ ଅଫିସ:** କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ଅପରାହ୍ଣରେ ଭଦ୍ରକର ବିଭିନ୍ନ ସ୍ଥାନରେ ବର୍ଷା, ପବନ ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଛି। ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳରେ ଭୀଷଣ ପବନ ଯୋଗୁ ଆଗରପଡ଼ା-ଆଡ଼ିଆ ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ସେହିପରି ଭଦ୍ରକ ସହରରେ ପୋଷ୍ଟଅଫିସ ଛକ, ବାଇପାସ୍, କଚେରୀ, ନୂଆବଜାର ଆଦି ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିଲା।



## ସଂକ୍ଷେପରେ

### ଦିନକ ପରେ ସ୍ନାନଯାତ୍ରା, ବସିନି ପ୍ରସ୍ତୁତି ବୈଠକ

#### ମନ୍ଦିର ପରିଚାଳନା ପରିଷଦ ଗଠନ ନ ହେବାରୁ ଅସନ୍ତୋଷ

ପାଟଣା, ୨।୬ (ସ୍ୱ.ପ୍ର.)- ଆସନ୍ତା ରବିବାର ଦେବ ସ୍ନାନ ପୂର୍ଣ୍ଣିମା ଥିବାବେଳେ ୨୦ ତାରିଖରେ ଘୋଷଯାତ୍ରା ଅନୁଷ୍ଠିତ ହେବ। ଦିନକ ପରେ କେନ୍ଦୁଝର ଜିଲା ପାଟଣା ବ୍ଲକର ପୁରାତନ ଦଧିବାମନଜୀଉଙ୍କ ସ୍ନାନ ଯାତ୍ରା। ହେଲେ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଡକାଯାଇ ନାହିଁ।

୧୫୯୮ରେ କେନ୍ଦୁଝରର ତତ୍କାଳୀନ ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ଉଦ୍ୟମରେ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରତିଷ୍ଠା, ରଥଯାତ୍ରା ଭଳି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାକୁ ଉଜ୍ଜୀବିତ କରି ରଖିବା ପାଇଁ ଏସବୁର ଅୟମାରମ୍ଭ ହୋଇଥିଲା। ରାଜା ଦେବନୀତି ଓ ସେବାୟତ ପାଇଁ ପ୍ରଯ୍ୟାପ୍ତ ଜମି ଦାନ ମଧ କରିଥିଲେ। ଦେଶ ସ୍ୱାଧୀନତା ପରେ ମନ୍ଦିର ପରିଚାଳନା କାର୍ଯ୍ୟ ଦେବୋତ୍ତର ବିଭାଗ ହାତକୁ ଚାଲିଯିବା ପରେ ରାଜନଗରସ୍ଥିତ ଦଧିବାମନଜୀଉଙ୍କ ନୀତିକାନ୍ତି, ରଥଯାତ୍ରାରେ ସ୍ଥାନୀୟ ଲୋକଙ୍କ ଭାଗିଦାରୀ ନ ରହିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପଟେ ୨ ବର୍ଷ ହେବ ମନ୍ଦିର ପରିଚାଳନା ପରିଷଦ ଗଠନ ନ ହେବା ଓ କୋଠ ତହସିଲଦାର ପଦବୀ ଫାଙ୍କା ପଡ଼ିବାକୁ ନେଇ ମଧ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ସବୁକିଛି ଠିକ୍ ଚାଲିଛି। ରଥଯାତ୍ରା ପରଦିନ ମନ୍ଦିର ପରିଚାଳନା କମିଟି ଗଠନ ସହ କୋଠ ତହସିଲଦାର ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଛି।

### ଗୋପାଳପୁରରେ ରଜ ଉତ୍ସବ ପ୍ରସ୍ତୁତି

ବାହାନଗା, ୨।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାମାଜିକ କର୍ମୀ ସୁର୍ଦ୍ଦଶନ ମହାପାତ୍ରଙ୍କ ପୌରୋହିତ୍ୟରେ ଷଷ୍ଠ ବାର୍ଷିକ ରଜ ଉତ୍ସବ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୧୫ତାରିଖ ଅପରାହ୍ଣ ୪ଟାରେ ଗୋପାଳପୁର ମଣିଭଦ୍ର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପଡିଆ ପରିସରରେ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ପ୍ରଥମେ ଏକ ସଭା ଅନୁଷ୍ଠିତ ହେବା ପରେ ଛାତ୍ରୀ ଓ ମହିଳାଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ୬ଟାରୁ ୮ଟା ପୁଚି, ମ୍ୟୁଜିକ୍ ଚେୟାର, ଦଉଡି ଟଣା, ଶଙ୍ଖଫୁଙ୍କା, ହୁଳୁହୁଳି, କାନ୍ଦଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ପାରମ୍ପରିକ ଖାଦ୍ୟ ଇଟିଲି, ଘୁଗୁନି, ଆଳୁଦମ, ଗୁପ୍‌ଚୁପ୍, ରଜପାନ ଆଦି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଝିଅ ଓ ବୋହୂଙ୍କ ପାଇଁ ୩ଟି ରଜଦୋଳି ସ୍ଥାପନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏଥିରେ ରଘୁନାଥ ବିଶ୍ୱାଳ, ରମାକାନ୍ତ ଦାଶ, ସତ୍ୟାନନ୍ଦ ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ମନୋଜ ବିଶ୍ୱାଳ, ପୂର୍ଣ୍ଣିମା ଦାଶ, ଚୌଧୁରୀ କମଳାକାନ୍ତ ଦାସ, ରମଣୀକାନ୍ତ ମିଶ୍ର, ସଂଯୁକ୍ତା ମିଶ୍ର, ଜୟଶ୍ରୀ ପଣ୍ଡା, କୁଞ୍ଜଲତା ଶିଅଳ, ସୀତାକାନ୍ତ ତ୍ରିପାଠୀ, ଭଗବାନ ଚନ୍ଦ୍ର ଦାସ, ରଞ୍ଜିତ ଦାସ, ସୁଧାନିଧି ମହାପାତ୍ର, ବିଶ୍ୱନାଥ ଦାଶ, ଗିରିଶ ଚନ୍ଦ୍ର ଦାଶ, ସରିତା ଶିଅଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉଜୁଡ଼ିଲା ଔଷଧୀୟ ଉଦ୍ୟାନ

## ଉଦ୍‌ବେଗ ପ୍ରକାଶକଲେ ବୈଦ୍ୟ, ପରିବେଶପ୍ରେମୀ

ଚମ୍ପୁଆ,୨।୬(ଡି.ଏନ୍.ଏ.)


ଉଜୁଡ଼ିଯାଇଥିବା ଉଦ୍ୟାନ।


ଡ. ଅବଦୁଲ୍ ରହମାନ୍।


ପ୍ରକୃତିବନ୍ଧୁ ରମାକାନ୍ତ ପ୍ରଧାନ।

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ କାଳିକାପ୍ରସାଦ ପଞ୍ଚାୟତର ହୁଞ୍ଜପଶିଠାରେ ଥିବା ଔଷଧୀୟ ଉଦ୍ୟାନ ଉଜୁଡ଼ିଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ମୂଲ୍ୟବାନ୍ ଉଦ୍ୟାନ ନଷ୍ଟହୋଇଯାଇଥିବାରୁ ପରିବେଶପ୍ରେମୀ ଓ ପାରମ୍ପରିକ ବୈଦ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ପୁନରୁଦ୍ଧାର ପାଇଁ ବନ ବିଭାଗ ପଦକ୍ଷେପ ଗ୍ରହଣ କରୁ ବୋଲି ସେମାନେ ଦାବି କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତି ତଥା କରୋନା ମହାମାରୀ ପରେ ଆୟୁର୍ବେଦିକ ଔଷଧର ବ୍ୟବହାର ଓ ଆବଶ୍ୟକତା ଅଧିକ ବୃଦ୍ଧି ପାଇଛି। ଏହି ଉଦ୍ୟାନ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପାରମ୍ପରିକ ବୈଦ୍ୟ ବ୍ୟବହାର କରୁଥିବା ଚେରମୂଳି ଔଷଧ ସହଜରେ ଉପଲବ୍ଧ ହେବ ବୋଲି ଆଶା କରାଯାଉଥିଲା ବେଳେ ଏହି ଉଜୁଡ଼ା ଉଦ୍ୟାନ ବୈଦ୍ୟମାନଙ୍କ ଆଶାକୁ ଆଶାରେ ଅଟକାଇ ଦେଇଛି।

ସୂଚନା ଅନୁଯାୟୀ,୨୦୨୦-୨୧ରେ ହୁଞ୍ଜପଶିଠାରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ଔଷଧୀୟ ଉଦ୍ୟାନ କରାଯାଇଥିଲା। ତାରବାଡ଼ ଓ ଗେଟ୍ ଦ୍ୱାରା ଏହାକୁ ଆବଦ୍ଧ କରାଯାଇଥିଲା। ମାତ୍ର ୨ ବର୍ଷ ନ ପୂରୁଣୁ ଔଷଧୀୟ ଉଦ୍ୟାନଟି ଉଜୁଡ଼ିଯାଇଛି। ହାତଗଣତି କେତୋଟି କରଞ୍ଜଗଛକୁ ଛାଡ଼ି ଦେଲେ ଅନ୍ୟ ଗଛ ନ ଥିବା ଦେଖିବାକୁ ମିଳିଛି। ଆବଦ୍ଧ ତାରବାଡ଼ର ଚିହ୍ନବର୍ଣ୍ଣ ନ ଥିଲା ବେଳେ କେବଳ ମୂକସାକ୍ଷୀ ଭାବେ ମୁଖ୍ୟଦ୍ୱାରରେ ଲାଗିଥିବା ଫାଟକ ଠିଆ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଉଦ୍ୟାନଟି ନଷ୍ଟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଏହାର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି। ଏହି ମୂଲ୍ୟବାନ୍ ଉଦ୍ୟାନଟି ନଷ୍ଟାଭିମୁଖୀ ହୋଇ ପଡ଼ିଥିବାରୁ ପରିବେଶପ୍ରେମୀଙ୍କୁ ଏହା ବ୍ୟଥିତ କରିଛି। ଏ ସଂକ୍ରାନ୍ତରେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆଙ୍କୁ ପଚାରିବାରୁ ଏହା ମୋ ସମୟରେ ହୋଇ ନ ଥିଲା ଏବଂ ଏ ବିଷୟରେ ମୋ ପାଖରେ କୌଣସି ଖବର ନାହିଁ। ମାତ୍ର କେଉଁ କାରଣ ପାଇଁ ଏହି ମୂଲ୍ୟବାନ୍ ଉଦ୍ୟାନ ଉଜୁଡ଼ିଗଲା ତାହାର ତଦନ୍ତ କରାଯିବା ସହ ଏହାର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ସେହିପରି ବୈତରଣୀ ବୈଦ୍ୟ ସଂଘର ଉପଦେଷ୍ଟା ଡ. ଅବଦୁଲ୍ ରହମାନ୍ କୁହନ୍ତି, ଔଷଧୀୟ ଉଦ୍ୟାନ ହେବା ଫଳରେ ପରିବେଶପ୍ରେମୀ ଓ ପାରମ୍ପରିକ ବୈଦ୍ୟମାନେ ଖୁସି ଥିଲେ। ଗଛ ଲଗାଇବାରେ ବାହାଦୁରି ନାହିଁ , ତା'ର ରକ୍ଷଣାବେକ୍ଷଣ କରିବା ଉଚିତ। ତାରବାଡ଼ ସହ ସବୁଜବାଡ଼ କରାଯାଇ ଏହାର ପୁନରୁଦ୍ଧାର କରାଯିବା ଆବଶ୍ୟକ। ସେହିପରି ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ପରିବେଶପ୍ରେମୀ ରମାକାନ୍ତ ପ୍ରଧାନଙ୍କ ମତ ଅନୁସାରେ ଏହି ଔଷଧୀୟ ଉଦ୍ୟାନ ସ୍ଥାନୀୟ ଅଞ୍ଚଳର ବୈଦ୍ୟ ଓ ପରିବେଶପ୍ରେମୀଙ୍କ ପାଇଁ ନୂତନ ସମ୍ଭାବନା ଆଣିଦେଇଥିଲା। ମାତ୍ର ଦୁଃଖର ବିଷୟ, ଉଦ୍ୟାନଟି ନଷ୍ଟ ହୋଇଯାଇଛି। ଏହାର ପୁନରୁଦ୍ଧାର ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲେ ଭଲ ହୁଅନ୍ତା।

# ଶିମିଳିପାଳ ସୁରକ୍ଷା ଦାବିରେ ଭଞ୍ଜସେନାର ପଦଯାତ୍ରା

ଠାକୁରମୁଣ୍ଡା,୨।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଦାବିରେ ଭଞ୍ଜସେନା ପକ୍ଷରୁ ଶୁକ୍ରବାରଠାରୁ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ଜିଲା ସାରା ପରିକ୍ରମା କରି କପ୍ତିପଦା ବ୍ଲକରେ ଶେଷ ହେବ। ପଦଯାତ୍ରାକୁ ଠାକୁରମୁଣ୍ଡା ହନୁମାନ ଛକ ନିକଟରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ସେନାର କର୍ମୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ଗତ ୨ ମାସ ମଧ୍ୟରେ ଶିମିଳିପାଳ ଭିତରେ ବନ୍ୟପ୍ରାଣୀ ଶିକାରଠାରୁ ଆରମ୍ଭ କରି ବନ କର୍ମଚାରୀଙ୍କୁ ହତ୍ୟା ଭଳି ଘଟଣା ଘଟିଛି। ଶିମିଳିପାଳରେ ବାଘ,ହାତୀ ସହ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କୁ ମାରି ଦିଆଯାଉଛି। ଏଠାରୁ ବହୁ ମୂଲ୍ୟବାନ ବୃକ୍ଷ ଛେଦନ ଓ ଦୁର୍ମୂଲ୍ୟ ଔଷଧୀୟ ଗୁଳ୍ମ ଚୋରାଚାଲାଣ ହେଉଛି। ମାତ୍ର ବନ ବିଭାଗ ଏହାକୁ ରୋକି ପାରୁନାହିଁ। ଶିମିଳିପାଳ ଭିତରେ ଯେଉଁ ସବୁ ଘଟଣା ଘଟିଛି ତା'ର ସିବିଆଇ ମାଧ୍ୟମରେ ତଦନ୍ତ କରାଯାଉ। ଶିମିଳିପାଳକୁ ସୁରକ୍ଷା ଦେବାରେ ଜଙ୍ଗଲ ବିଭାଗ ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏଣୁ ଶିମିଳିପାଳର ସୁରକ୍ଷା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳକୁ ଦାୟିତ୍ୱ ଦିଆଯିବାକୁ ଭଞ୍ଜସେନା କାର୍ଯ୍ୟକାରୀ ଅଧ୍ୟକ୍ଷ ରାଉତ ଦାବି କରିଛନ୍ତି।


ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ଯୁକ୍ତ ୨ ବିଜ୍ଞାନରେ କଳିଙ୍ଗ ଟ୍ୟୁଟୋରିଆଲ୍‌ର ସଫଳତା



ସମ୍ବର୍ଦ୍ଧିତ ଟପ୍ପର ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ, ୨।୬- ବାଲେଶ୍ୱର ସହରରେ ଅବସ୍ଥାପିତ ସରକାରୀ କଲେଜରେ ପଢୁଥିବା ପିଲାମାନଙ୍କୁ ନେଇ ପରିଚାଳିତ କଳିଙ୍ଗ ଟ୍ୟୁଟୋରିଆଲର ୧୧୨ଜଣ ଛାତ୍ରୀଛାତ୍ର ଯୁକ୍ତ ୨ବିଜ୍ଞାନରେ ପାସ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଶତ ପ୍ରତିଶତ ରେଜଲ୍ଟ ହେବା ସହ ପଙ୍କଜ ସାସମଲ ୫୫୯ ନମ୍ବର ରଖି ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେ ୧୦ମରେ ୫୩୭ ମାର୍କ ରଖିଥିଲେ। ସେହିପରି ସସ୍ମିତା ମଣ୍ଡଳ ୫୧୭ ନମ୍ବର ରଖି କେକେଏସ୍ କଲେଜର ଟପ୍ପର ହୋଇଛନ୍ତି। ସେ ୧୦ମରେ ୪୯୪ ମାର୍କ ରଖିଥିଲେ। ସେହିପରି ଅମିତ କୁମାର ସେଣ୍ଠ ୫୦୦ ମାର୍କ ରଖି ବଳାଙ୍ଗୀ ହାୟର ସେକେଣ୍ଡାରୀ ସ୍କୁଲରେ ଦ୍ୱିତୀୟ ଟପ୍ପର ହୋଇଛନ୍ତି। ସେ ୧୦ମରେ ୪୯୭ ମାର୍କ ରଖିଥିଲେ। ଏଥିସହିତ ଚନ୍ଦ୍ର ଭାନୁ ଦେ ୫୨୨, ଅଭିନାଶ ସାହୁ- ୫୨୩, ଲୌହାନ ରାଉତ ୫୦୯, ଚନ୍ଦନ କୁମାର ରାଉତ ୫୦୧, ଚିରଞ୍ଜିବ ମାରାଣ୍ଡି ୫୧୪ ମାର୍କ ରଖିଛନ୍ତି। ୯୦ % ଛାତ୍ରୀଛାତ୍ର ପ୍ରଥମ ଏବଂ ୧୦% ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୧୪ଜଣ ୫୦୦ରୁ ଉର୍ଦ୍ଧ୍ୱ ମାର୍କ, ୪୩ଜଣ ୪୮୦ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି ଗୋଟିଏ ବିଷୟରେ ଅଧିକ ନମ୍ବର ମ୍ୟାଥ୍‌ରେ ୧୦୦, ଫିଜିକ୍ସରେ ୯୯, କେମିଷ୍ଟ୍ରିରେ ୯୮, ବାୟୋଲୋଜିରେ ୯୮, ଇଂରାଜୀରେ ୮୬ ଓ ଓଡ଼ିଆରେ ୯୭ ମାର୍କ ରହିଛି। ମାତ୍ର ୪ଟି ବ୍ୟାଚ୍ ମଧ୍ୟରେ ବାଲେଶ୍ୱର ଜିଲାର ସରକାରୀ କଲେଜ ଫକୀରମୋହନ କଲେଜ, କେକେଏସ୍ କଲେଜ ଭଳି ୨ଟି ଫ୍ରଣ୍ଟଲାଇନ୍ କଲେଜର ଟପ୍ପରକୁ ନିଜ ଖାତାକୁ ଆଣିପାରିଛି। ସରକାରୀ କଲେଜରେ ପଢୁଥିବା ଛାତ୍ରୀଛାତ୍ର ୧୫% ରିଜର୍ଭେସନ୍‌କୁ ଲକ୍ଷ୍ୟ ରଖି ଯୁକ୍ତ ୨ ବିଜ୍ଞାନ ସହ ଇଣ୍ଟିଗ୍ରେଟେଡ୍ କୋଚିଂ ଦେବା ହିଁ ଅନୁଷ୍ଠାନର ଲକ୍ଷ୍ୟ।

# ନିଲାମ ହେବ ଦାବିଦାର ନ ଥିବା ୬୦ ଗାଡ଼ି

ଭଦ୍ରକ ଅଫିସ/ସ୍ୱ.ପ୍ର., ୨।୬- ଭଦ୍ରକ ଜିଲାର ବିଭିନ୍ନ ଥାନାରେ ଦାବିଦାର ନ ଥିବା ୬୦ ଗାଡ଼ି ପୋଲିସ ହେପାଜତରେ ନିଲାମ ହେବ। ପୋଲିସ ଦ୍ୱାରା ବିଭିନ୍ନ ସମୟରେ ଜବତ କରାଯାଇଥିବା ଗାଡ଼ି ସବୁ ବିଭିନ୍ନ ଥାନାରେ ପଡ଼ିରହି ଖତ ଖାଉଛି। ଗାଡ଼ିଗୁଡ଼ିକ ପଡ଼ି ରହିଥିବାରୁ ଥାନାରେ ମଧ ସ୍ଥାନାଭାବ ସୃଷ୍ଟି ହେଉଛି। ଖରା ବର୍ଷା ଖାଇ ଅଧିକାଂଶ ଗାଡ଼ି ପ୍ରାୟ ନଷ୍ଟ ହେବାକୁ ବସିଛି। ସରକାରୀ ନିୟମାନୁଯାୟୀ ସେଗୁଡ଼ିକୁ ନିଲାମ ପାଇଁ ପଦକ୍ଷେପ ନିଆଯିବା ପୂର୍ବରୁ ଉପଯୁକ୍ତ ପ୍ରମାଣ ଦେଖାଇ ଗାଡ଼ି ନେବାକୁ ଚାହୁଁଥିବା ଗାଡ଼ି ମାଲିକଙ୍କୁ ସୁଯୋଗ ଦିଆଯାଇଛି। ଏଥିପାଇଁ ଥିବା ୬୦ଟି ଗାଡ଼ିର ଇଞ୍ଜିନ୍, ଚେଚିସ୍, ରେଜିଷ୍ଟ୍ରେଶନ ନମ୍ବର, ଗାଡ଼ିର ପ୍ରକାର ଆଦି ସମ୍ବନ୍ଧରେ ତାଲିକା ଜିଲାର ସମସ୍ତ ଥାନା ଓ ପୋଲିସ କାର୍ଯ୍ୟାଳୟରେ ଉପଲବ୍ଧ ଅଛି। ମାଲିକମାନେ ଠିକ୍ କାଗଜପତ୍ର ଦେଖାଇ ୧୫ଦିନ ମଧ୍ୟରେ ଥାନାରୁ ଗାଡ଼ିଗୁଡ଼ିକୁ ନେଇଯିବାକୁ ଜିଲା ପୋଲିସ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ନୋଟିସ ଜାରିର ୧୫ଦିନ ପରେ କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ବୋଲି ମଧ ଦର୍ଶାଯାଇଛି।

# ୧୮୦୦୦ ଉପଭୋକ୍ତାଙ୍କ ସମସ୍ୟାର ହେବ ସମାଧାନ

## ବିଦ୍ୟୁତ୍ ବିଭାଗ ଅଧିକାରୀ ଦେଲେ ପ୍ରତିଶ୍ରୁତି

ମୋରଡ଼ା,୨।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଗୁରୁବାର ଲୋକେ ବରକନ୍ଦସ୍ଥିତ ବିଦ୍ୟୁତ୍ ଷ୍ଟ୍ରକଚର ଅଫିସ ଘେରାଉ କରିବା ସହିତ କନିଷ୍ଠ ଯନ୍ତ୍ରୀ ଏବଂ ଏସ୍‌ଡିଓଙ୍କୁ ଅଟକ ରଖିଥିଲେ। ତେବେ ପ୍ରତିଶ୍ରୁତି ଅନୁଯାୟୀ, ଶୁକ୍ରବାର ଅଧୀକ୍ଷଣ ଯନ୍ତ୍ରୀ ହରିଶ ପଣ୍ଡା, ଏସ୍‌ଡିଓ ବୀର କିଶୋର ଦାସ, କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଏବଂ ସ୍ଥାନୀୟ ଲୋକେ ମୋରଡା ବଜାରସ୍ଥିତ ଡାକ ବଙ୍ଗଳାରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ନବ ନିର୍ମିତ ଆଣ୍ଡୁଆ ଷ୍ଟ୍ରକଚରର ଯଥାଶୀଘ୍ର ପୁନଃ କାର୍ଯ୍ୟକ୍ଷମ ବାବଦରେ ଅଧୀକ୍ଷଣ ଯନ୍ତ୍ରୀ କହିଥିଲେ ପୂର୍ବରୁ କାର୍ଯ୍ୟ କରୁଥିବା ଠିକାଦାର ଏବେ କାର୍ଯ୍ୟ କରୁନାହାନ୍ତି। ତେବେ ଯଥାଶୀଘ୍ର ଜଙ୍ଗଲ ବିଭାଗର ଅନୁମତି ନେଇ କାର୍ଯ୍ୟ ଆଗକୁ ବଢ଼ିବ ବୋଲି କହିଛନ୍ତି। ସେହିପରି ବରକନ୍ଦ ଷ୍ଟ୍ରକଚରକୁ ବାରିପଦା ଏବଂ ବେତନଟୀ ସେକ୍ସନକୁ ସିଧା ସଂଯୋଗ,ମୋରଡ଼ା ବ୍ଲକର ହରେକୃଷ୍ଣପୁରରେ ଏକ ଗ୍ରୀଡ୍ ପ୍ରତିଷ୍ଠା ବାବଦରେ ଆଲୋଚନା କରାଯାଇଥିଲା। ସେହିପରି ଚିତ୍ରଡ଼ା ଏବଂ ମୋରଡ଼ାରେ ସ୍ୱତନ୍ତ୍ର ଅତ୍ୟାଧୁନିକ ରେଡିଓ ମନିଟରିଙ୍ଗ ୟୁନିଟ(ଆରଏମ୍‌ସି) ଲଗାଯିବା ସହିତ ଆଗାମୀ ଦିନରେ ଉପଭୋକ୍ତାଙ୍କ ସହିତ ସାକ୍ଷାତ ଆଲୋଚନା କରି ମୋରଡା ସେକ୍ସନର ୧୮୦୦୦ ଗ୍ରାହକଙ୍କ ସମସ୍ୟା ଏବଂ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ବାବଦରେ ଆଲୋଚନା କରାଯାଇଥିଲା।

# 'ବାସୁଦେବପୁର ବିକାଶର ବିନ୍ଧାଣି ଥିଲେ ବିଜୟଶ୍ରୀ'

## ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ

ବାସୁଦେବପୁର, ୨।୬ (ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ, ବିଧାୟକ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ସମାରୋହ ବାସୁଦେବପୁର ପୌରପାଳିକାର ମହିଷାପଦାସ୍ଥିତ ବିଜୟଶ୍ରୀ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜୟଶ୍ରୀ ରାଉତରାୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସମାରୋହରେ ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ସ୍ୱର୍ଗତ ରାଉତରାୟଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ, ରାଜ୍ୟ ରାଜନୀତି ଓ ରାଜ୍ୟକୁ ଆଗେଇ ନେବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଓଡ଼ିଶା ରାଜନୀତି ଇତିହାସରେ ସେ ସବୁଦିନ ପାଇଁ ଜନମାନସର ନେତା ଭାବେ ମନେ ରହିବେ। ସେ ବାସୁଦେବପୁର ବିକାଶର ବିନ୍ଧାଣି ଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ତଥା ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଯୋଗ ଦେଇ ସ୍ୱର୍ଗତ ରାଉତରାୟ ସବୁବେଳେ ଓଡ଼ିଶାର ଉନ୍ନତି ଓ ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ଗୁଲମକ୍କୀ ହବିବ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

ଯୁବନେତା ଅସିତ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ସୁରେନ୍ଦ୍ର ନାୟକ, ଶ୍ୟାମସୁନ୍ଦର ମହାନ୍ତି, ନାରୀନେତ୍ରୀ ନିବେଦିତା ଜେନା, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ ସଭାପତିତ୍ୱ କରିଥିବା ବେଳେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ରାଉତରାୟଙ୍କ ବଡ଼ପୁଅ ଦୁର୍ଗାଦତ୍ତ ରାଉତରାୟ ଧନ୍ୟବାଦ ଦେଇଥିଲେ।


ସମାରୋହରେ ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲା ଭାଜପା

## ମହିଳାଙ୍କୁ କନିଷ୍ଠଯନ୍ତ୍ରୀଙ୍କ ଅସଦାଚରଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର, ୨।୬(ସ୍ୱ.ପ୍ର./ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ପକ୍ଷରୁ ଅହୋରାତ୍ର ଗଣଧାରଣା ଚାଲିଥିଲା। ପ୍ରତିଶ୍ରୁତି ପରେ ଶୁକ୍ରବାର ଧାରଣା ପ୍ରତ୍ୟାହୃତ ହୋଇଛି। ଗତ ମାସ ୨୬ ତାରିଖରେ ଘଟଣା ଘଟିଥିବା ବେଳେ ମହିଳା ଜଣକ ଧାମନଗର ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ମାମଲା ରୁଜୁ କରି ନ ଥିଲା। ମାମଲା ରୁଜୁ ଦାବି କରି ଭାଜପା ପକ୍ଷରୁ ଗତ ୩ ଦିନ ଧରି ଧାମନଗର ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶୁକ୍ରବାର ଅପରାହ୍ଣରେ ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା, ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଥାନାଧିକାରୀ ବନମାଳୀ ବାରିକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭାଜପା ନେତା ଅଶୋକ ପୁହାଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ସମ୍ପାଦକ ସଦାଶିବ ପୋଥାଳ, ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଅରବିନ୍ଦ ପତି, କୈଳାସ ମହାପାତ୍ର, ବିଜୟ ଶଙ୍କର ନାୟକ, ପୁଷ୍ପାଞ୍ଜଳି ବେହେରା, ଝରଣା ଜେନା, କବିତା ରାୟ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

ଅପରପକ୍ଷେ ଅଫିସ୍ ସମ୍ମୁଖରେ ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ଭଦ୍ରକ ପିଡି ପ୍ରତାପ ପ୍ରୀତିମୟ ପହଞ୍ଚି ଧାରଣାରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ମଧ ଅଭିଯୁକ୍ତ ଗିରଫ ନ ହେବା ଯାଏ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ପ୍ରକାଶ କରିଥିଲେ।



ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକଟା ଭାଜପା କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

# ମାଠିଆ, ବୋତଲ ଧରି ଧାରଣା

## ପାନୀୟ ଜଳ ଦାବିରେ ବିଡିଓଙ୍କୁ ଘେରାଉ

ବାଲିଆପାଳ, ୨।୬(ସ୍ୱ.ପ୍ର.)



ପାନୀୟଜଳ ଯୋଗାଣ ଦାବିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଦକ୍ଷିଣ ଜାମଳା ଗ୍ରାମର ୧୨ନମ୍ବର ୱାର୍ଡ଼ରେ ଶୁକ୍ରବାର ବୁଲୁ ଦେଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ପିଇବା ପାଣି ଯୋଗାଣ ଦାବିରେ ବିଡ଼ିଓଙ୍କୁ ଘେରାଉ କରିଥିଲେ। ଗ୍ରାମବାସୀ ମାଠିଆ, କଳସୀ, ବୋତଲ ଧରି ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ପାନୀୟ ଜଳ ପ୍ରକଳ୍ପ ତ୍ୱରାନ୍ୱିତ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଛନ୍ତି।

ନିଖିରା ପଞ୍ଚାୟତରେ ନିର୍ମାଣ ହୋଇଥିବା ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପରୁ ଦକ୍ଷିଣ ଜାମଳା ଗ୍ରାମର ୧୨ନମ୍ବର ୱାର୍ଡ଼ର ଗ୍ରାମବାସୀ ଦୀର୍ଘ ୨ବର୍ଷ ହେଲା ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ସମସ୍ତ ୱାର୍ଡ଼ଠାରୁ ଉଚ୍ଚ ହୋଇଥିବାରୁ ପ୍ରକଳ୍ପରୁ ପାଣି ଠିକ୍ ଭାବେ ବାହାରିପାରୁନି। ଗ୍ରାମବାସୀ ଉକ୍ତ ବିଷୟରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସହିତ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ଗତ ମେ' ୯ ତାରିଖରେ ତହସିଲଦାର ଦୀପକ କୁମାର ଦାସ ଶାଳ ଘର ପଦାରେ ମା' ଭଗବତୀଙ୍କ ମଣ୍ଡପ ନିକଟରେ ପାନୀୟଜଳ ପ୍ରକଳ୍ପ ପାଇଁ ସ୍ଥାନ ନିର୍ଦ୍ଧାରଣ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ମାତ୍ର ୩ଦିନ ମଧ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ। ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ସହମତିରେ ସମସ୍ତ କାର୍ଯ୍ୟ ଚୂଡ଼ାନ୍ତ ହୋଇଥିଲେ ମଧ କାର୍ଯ୍ୟ ବିଳମ୍ବକୁ ନେଇ ଗ୍ରାମବାସୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ତେବେ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେବା ସହିତ ବିଡ଼ିଓ ପଣ୍ଡାଙ୍କୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶାନ୍ତିଲତା ସେଠୀ, ଦୟାନିଧି ସେଠୀ, ପ୍ରିୟବ୍ରତ ଦେ, ରତନ କୁମାର ଦେ, ଜିତୁ ପ୍ରକାଶ ମାହାନା, ସତ୍ୟବ୍ରତ ଦେ, ଗଦାଧର ପାତ୍ର, କାହ୍ନୁଚରଣ ମାହାନା, ହରିହର ସେନାପତି, ବିମଳ କୁମାର ଦେ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ବିଷାକ୍ତ ଫଳ ଖାଇ ୪ ନାବାଳକ ଅସୁସ୍ଥ

ବାସୁଦେବପୁର,୨।୬(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୁଡ଼ାମଣି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ୪ଜଣ ନାବାଳକ ରାସ୍ତାପାର୍ଶ୍ୱରେ ହୋଇଥିବା ବିଷାକ୍ତ କଳାସିଜୁ ଫଳ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ଗ୍ରାମର ଅଶୋକ ମଳିକଙ୍କ ପୁଅ ଟୁକୁନା(୧୨), ଶିଶିର ମଳିକଙ୍କ ପୁଅ ସନ୍ତୋଷ(୧୭), ସୁବଳ ମଳିକଙ୍କ ପୁଅ ଦିବାକର(୧୨) ଓ ଶଶଧର ମଳିକଙ୍କ ପୁଅ ଦେବାନନ୍ଦ(୧୦) ରାସ୍ତାକଡ଼ରେ କଳାସିଜୁ ଫଳକୁ ଖାଇବା ଫଳ ଭାବି ଖାଇ ଦେଇଥିଲେ। ରାତି ପ୍ରାୟ ୧୦ଟା ବେଳେ ସେମାନଙ୍କର ବାନ୍ତି ହେବା ସହ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତିରେ ଚିକିତ୍ସା କରାଯିବା ପରେ ଶୁକ୍ରବାର ସକାଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତରଖାନା ସୂତ୍ରରୁ ଜଣାଯାଇଛି।

### ମାର୍କେଟ କମ୍ପ୍ଲେକ୍ସରୁ ଝୁଲନ୍ତା ମୃତଦେହ ଜବତ

ଭଦ୍ରକ ଅଫିସ, ୨।୬- ଭଦ୍ରକ ସହର ବନ୍ତଛକ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଉଛନ୍ତି ବାସୁଦେବପୁର ପୌରପାଳିକା ୧୨ ନଂ. ୱାର୍ଡର ଅନନ୍ତ ପ୍ରସାଦ ଦାସ। ସୂଚନା ଅନୁଯାୟୀ, ମାର୍କେଟ କମ୍ପ୍ଲେକ୍ସର ଦୁଇ ମହଲାର ସଟର ଉପରେ ବେକରେ ଗାମୁଛା ଲଗାଇ ଅନନ୍ତଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ଟାଉନ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତ ଅନନ୍ତଙ୍କ ପକେଟରୁ ଆଧାରକାର୍ଡ ଓ ୩ଶହ ଟଙ୍କା ମିଳିଥିବା ପୋଲିସ ସୂଚନା ଦେଇଛି। ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୮/୨୩) ରୁଜୁ ହୋଇଛି।

### ଅଘୋଷିତ ବିଜୁଳି କାଟ୍‌କୁ ନେଇ ଅସନ୍ତୋଷ ଧାରଣା ଦେଲା ଭାଜପା

ବାସୁଦେବପୁର,୨।୬(ଡି.ଏନ.ଏ.)- ବର୍ତ୍ତମାନ ପ୍ରଚଣ୍ଡ ଖରା ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ସକାଳ ୮ଟା ବେଳକୁ ଅସହ୍ୟ ହେଉଛି ଗରମ। ଏଭଳି ସ୍ଥିତିରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ଅଘୋଷିତ ବିଜୁଳି କାଟ୍‌କୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଘନ ଘନ ବିଦ୍ୟୁତ୍ କାଟ୍ ସାଙ୍ଗକୁ ଲୋ ଭୋଲ୍‌ଟେଜ ସମସ୍ୟାକୁ ନେଇ ଭାଜପାର ବାସୁଦେବପୁର ଶାଖା ପକ୍ଷରୁ ଶୁକ୍ରବାର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦିଆଯାଇଥିଲା। ଜିଲା ଭାଜପା ଉପସଭାପତି ଉଦୟ ନାରାୟଣ ମଳିକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ଯୁବମୋର୍ଚ୍ଚାର କର୍ମକର୍ତ୍ତା ଧାରଣାରେ ସାମିଲ ଥିଲେ। ଏନେଇ ଏକ ଦାବିପତ୍ର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି।

# ବିଦ୍ୟୁତ୍‌କାଟ, କେନାଲ କାର୍ଯ୍ୟକୁ ନେଇ ଅସନ୍ତୋଷ

### ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ

ଖଇରା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ସଭାଗୃହରେ ଶୁକ୍ରବାର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଡେପୁଟି କଲେକ୍ଟର ଆଶିଷ କୁମାର ଜେନା, ଖଇରା ବିଡିଓ ଉତ୍ତମ କୁମାର ଜେନା, ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। କ୍ରମାଗତ ବିଦ୍ୟୁତକାଟ ଓ ବିଦ୍ୟାଧରପୁର ତଥା ସାଳନ୍ଦୀ ଡିଭିଜନ ଅଧୀନରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ ସର୍ବାଧିକ ଅଭିଯୋଗ ଉତ୍‌ଥାପନ କରାଯାଇଥିଲା। ଖଇରା ସବ୍‌ଡିଭିଜନ ଅଧୀନରେ ବିଭିନ୍ନ ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଅଧୀନରେ ଉପଭୋକ୍ତା ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ତାହା ବଦଳା ନ ଯିବା, ଗ୍ରାମାଞ୍ଚଳରେ ଖୋଲା ତାରକୁ କେବୁଲ କରା ନ ଯିବା, ବହୁ ବିଦ୍ୟାଳୟ ଓ ବ୍ୟକ୍ତିଗତ ଘର ଉପରେ ବିପଦସଂକୁଳ ଅବସ୍ଥାରେ ଟଣାଯାଇଥିବା ତାରକୁ ହଟା ନ ଯିବା ଉପରେ ଲୋକପ୍ରତିନିଧିମାନେ ଅସନ୍ତୋଷ ଜାହିର କରିଥିଲେ। ଖଇରା ଓ ସିମୁଳିଆ ବ୍ଲକର ବିଦ୍ୟୁତ କାର୍ଯ୍ୟ ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ବିଧାୟକ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଆମ୍ବହତା କେନାଲ ପାର୍ଶ୍ୱରେ ପାଖାପାଖି ୫ କୋଟି ଟଙ୍କା ବ୍ୟୟରେ ରଟିଣାରୁ କୁପାରୀ ପର୍ଯ୍ୟନ୍ତ ନିର୍ମିତ ରାସ୍ତା ୪ ମାସ ନ ପୂରୁଣୁ ପିଚୁ ବାହାରି ନଷ୍ଟ ହୋଇଯିବା ନେଇ ଛବିଳତା ମହାପାତ୍ର ଓ ଅନ୍ୟମାନେ ଅଭିଯୋଗ କରିଥିଲେ। ଏହାଛଡା ସାଳନ୍ଦୀ ଡିଭିଜନ ଅଧୀନ ରାଣୀତାଲ ଓ ଗୋପାଳପୁର ଡିଷ୍ଟ୍ରିବ୍ୟୁଟାରୀ ଅଧୀନରେ ଗର୍ସଙ୍ଗ, ଅନ୍ୟ ବହୁ ସ୍ଥାନରେ କାମ ଚାଲିଥିବା ବେଳେ ଯନ୍ତ୍ରୀମାନେ ଉପସ୍ଥିତ ରହୁ ନ ଥିବା ସୁଷମା ମହାପାତ୍ର ଅନ୍ୟମାନେ ଅଭିଯୋଗ କରିଥିଲେ। ୫-ଟିରେ ନିର୍ମିତ ହାଇସ୍କୁଲଗୁଡିକରେ ଏପର୍ଯ୍ୟନ୍ତ ଠିକାଦାରଙ୍କୁ ବିଲ୍ ମିଳୁ ନ ଥିବା ନେଇ ସାରକୋଣା ସରପଞ୍ଚ ସୁଶାନ୍ତ ନାୟକ, ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ପ୍ରମୁଖ ଅଭିଯୋଗ କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

# ଷ୍ଟେଶନ ରାସ୍ତାରୁ ବେନିୟମ ହମ୍ପ୍‌ସ ଉଠାଇବାକୁ ଦାବି

କେନ୍ଦୁଝର,୨।୬(ସ୍ୱ.ପ୍ର./ଡି.ଏନ.ଏ.)



କେନ୍ଦୁଝରଗଡ଼ ରେଳ ଷ୍ଟେଶନଠାରୁ ଧୋବାଡିହା ପର୍ଯ୍ୟନ୍ତ ଷ୍ଟେଶନ ରାସ୍ତା ରେଳ ଯାତ୍ରୀଙ୍କ ପାଇଁ ଜୀବନରେଖା ସଦୃଶ୍ୟ ହୋଇଥିବା ବେଳେ ଭାରତୀୟ ଖାଦ୍ୟ ନିଗମ, ଅବକାରୀ ବିଭାଗ ରେଞ୍ଜ୍ ଅଫିସ ଆଦି ବିଭାଗର ବହୁ ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ। ସେହିପରି ସାଧାରଣ ଲୋକେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। ମାତ୍ର ଉକ୍ତ ରାସ୍ତାଟି ଏବେ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଦୁଇ କିଲୋମିଟର ଏହି ପୂର୍ତ୍ତ ବିଭାଗ ରାସ୍ତାରେ ବହୁସଂଖ୍ୟାରେ ବେନିୟମ ହମ୍ପ୍‌ସ ନିର୍ମାଣ କରାଯାଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣାର କାରଣ ସାଜୁଛି। କେତେକ ସ୍ଥାନରେ ସିଧାସଳଖ ଭାବେ ଅବ୍ୟବହୃତ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ଆଣି ରାସ୍ତା ଉପରେ ରଖି ଦିଆଯାଇଛି। ରାସ୍ତାର କେତେକ ସ୍ଥାନରେ ବେନିୟମ ଭାବେ ମାଟି, ମୋରମ, ମେଟାଲ, ଚିପ୍ସ, ବାଲି ଆଦି ଗଦା କରାଯାଇଛି। ଫଳରେ ସାଧାରଣ ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ଧନଜୀବନ ହାନି ଘଟୁଛି। ପୂର୍ତ୍ତ ବିଭାଗ ଦ୍ୱାରା ବେନିୟମ ହମ୍ପ୍‌ସ ଓ ଅନ୍ୟାନ୍ୟ ସାମଗ୍ରୀକୁ ରାସ୍ତାରୁ ହଟାଇବା ସହ ଆବଶ୍ୟକ ସ୍ଥଳେ ବିଭିନ୍ନ ଟ୍ରାଫିକ ସଂକେତ ଲଗାଇବା, ଜଳୁ ନ ଥିବା ଷ୍ଟ୍ରିଟ ଲାଇଟଗୁଡ଼ିକୁ ମରାମତି, ରାସ୍ତାର ଉଭୟପାର୍ଶ୍ୱରେ ରେଡିୟମ ଲଗାଇବା, ରାସ୍ତା ମଝିରେ ଚୂନ ପକାଇ ଚିହ୍ନ ଦିଆଯିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସଭାପତି ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କୁପାରୀରେ ଦ୍ୱାଦଶ ବାର୍ଷିକ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ

## ବ୍ରାହ୍ମଣ ପଦବାଚ୍ୟ ପାଇଁ ବ୍ରହ୍ମକର୍ମ ଏକାନ୍ତ ଜରୁରୀ

ଖଇରା, ୨।୬(ଡି.ଏନ.ଏ.)

କୌଣସି ବ୍ୟକ୍ତି ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଗଲେ ସେ ବ୍ରାହ୍ମଣ ପଦବାଚ୍ୟ ହେବନାହିଁ । ଏଥିଲାଗି ଆବଶ୍ୟକ ବ୍ରହ୍ମକର୍ମ କରିବା ସହ ବ୍ରହ୍ମଙ୍କୁ ଜାଣିବାକୁ ହେବ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀସ୍ଥିତ କୁପେଶ୍ୱର ମହାଦେବ ମନ୍ଦିର ପରିସରରେ ଆୟୋଜିତ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞରେ ଯୋଗ ଦେଇଥିବା ବ୍ରାହ୍ମଣ ସମିତିର ଜିଲା ଓ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ବୁଧବାର ଅପରାହ୍ନରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି, ଖଇରା ଶାଖାର ସଭାପତି ଜଳଧର ମିଶ୍ର ପୌରୋହିତ୍ୟ କରିଥିଲେ। ଜିଲା ସଭାପତି ଡା ଶ୍ରୀଶ ଦାଶ, ସମ୍ପାଦକ ଗୌର ଚନ୍ଦ୍ର ଦାଶ, ଜିଲା ଯୁବବାହିନୀ ମୁଖ୍ୟ ଭୁଗୁରାମ କର, ସୋର ଶାଖା ସଭାପତି ବୈଦ୍ୟନାଥ ଦ୍ୱିବେଦୀ, ଔପଦା ବ୍ଲକ ସମ୍ପାଦକ ଦୈତାରୀ ପାଢୀ, ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଭଦ୍ରକ ଶାଖା ମୁଖ୍ୟ ନରହରି ଦାଶ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ରମାକାନ୍ତ ଶତପଥି ବିବରଣୀ ପାଠ କରିଥିଲେ। ଗୌରଚନ୍ଦ୍ର ପାଠୀ, ବିଭୂତି ଭୂଷଣ ତ୍ରିପାଠୀ, ନିରଞ୍ଜନ ପଣ୍ଡା, ଅନାମନନ୍ଦ ଦାଶଙ୍କ ଦ୍ୱାରା ଯଜ୍ଞ ଓ କୁପେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କୁପାରୀ ଜୋନ ସମ୍ପାଦକ ବାସୁଦେବ ପଣ୍ଡା, ବିଷ୍ଣୁମାହେନ ପଣ୍ଡାଙ୍କ ସମେତ ଆଞ୍ଚଳିକ ବ୍ରାହ୍ମଣ ସମିତିର ସମସ୍ତ ସଭ୍ୟ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ହିତାଧିକାରୀଙ୍କୁ ମାଡ଼ ଅଭିଯୋଗ

**ଅଧିକାରୀଙ୍କ ବଦଳରେ ସେଲ୍‌ସମ୍ୟାନ ବାଣ୍ଟୁଛନ୍ତି ଭତ୍ତା**

ଯୋଡ଼ା/ଚମ୍ପୁଆ, ୨।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଚମକପୁର ପଞ୍ଚାୟତରେ ଭତ୍ତା ଟଙ୍କା ମାଗିବାରୁ ଜଣେ ହିତାଧିକାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ପଞ୍ଚାୟତରେ ମାସିକ ଭତ୍ତା ବଣ୍ଟନ କରାଯାଉଥିଲା। ହିତାଧିକାରୀ ଚମକପୁର ଗ୍ରାମର ଧବଳେଶ୍ୱର ନାଏକ ଦୁଇମାସର ଭତ୍ତା ମାଗିଥିଲେ। ଦୁଇ ମାସର ଭତ୍ତା ନ ଦିଆଯିବାରୁ ସେ ଜିଦ୍ ଧରିଥିଲେ। ଏହାକୁ କେନ୍ଦ୍ରକରି ସେଠାରେ ଭତ୍ତା ବଣ୍ଟନ କରୁଥିବା ଧିରେନ ମହାକୁଡ଼ ନାମକ ସେଲ୍‌ସମ୍ୟାନ (ସାଧାରଣ ବଣ୍ଟନର ବିକ୍ରେତା) ତାଙ୍କୁ ଧକ୍କା ଦେବା ସହ ମାଡ଼ ମାରି ଲହୁଲୁହାଣ କରିଥିବା ଧବଳେଶ୍ୱର ଅଭିଯୋଗ କରିଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିବେ ବୋଲି କହିଥିଲେ।

ସୂଚନାଥାଉ କି, ସରକାରଙ୍କ ବିଭିନ୍ନ ଭତ୍ତା ବଣ୍ଟନ କାର୍ଯ୍ୟ କେବଳ ପଞ୍ଚାୟତରେ ଥିବା ଦାୟିତ୍ୱବାନ ଅଧିକାରୀଙ୍କୁ ଦିଆଯାଇଥାଏ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବାଣ୍ଟିବା କଥା। ହେଲେ ଜଣେ ସେଲ୍‌ସମ୍ୟାନ ଭତ୍ତା ବାଣ୍ଟିବା ନେଇ ପ୍ରଶ୍ନ ଉଠିଛି। ସରକାରୀ ଅଧିକାରୀ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିଲେ ଏପରି ଘଟଣା ଘଟି ନ ଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପଞ୍ଚାୟତରେ ଥିବା ସେଲ୍‌ସମ୍ୟାନ ମହାକୁଡ଼ କହିଛନ୍ତି, ହିତାଧିକାରୀ ଜଣକ ଦୁଇମାସର ଭତ୍ତା ମାଗିଥିଲେ। ଗୋଟିଏ ମାସର ଭତ୍ତା ଦିଆଯାଉଥିବା କହିବାରୁ ସେ ଗାଳିଗୁଲଜ କରିବା ଯୋଗୁ ତାଙ୍କୁ ଠେଲି ଦିଆଯାଇଥିଲା। ତେବେ ମେ’ ମାସର ଭତ୍ତା ଦିଆ ଯାଉଥିବା ବେଳେ ଚଳିତ ଜୁନ୍‌ର ଭତ୍ତା ସରକାରଙ୍କ ପକ୍ଷରୁ ଦିଆଯାଇ ନାହିଁ। ନୂତନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ ପରେ ତାଙ୍କୁ ଭତ୍ତା ବଣ୍ଟନ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି।

### ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରୁ ଚୋରି

ଭଦ୍ରକ ଅଫିସ, ୨।୬

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ରାଧାନଗର ଗ୍ରାମର ଜଗନ୍ନାଥ ମଲ୍ଲିକଙ୍କ ସପରିବାର ଗୁରୁବାର ରାତିରେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଚୋରମାନେ ଘରେ ପଶି ନଗଦ ଟଙ୍କା ସହ ସୁନା, ରୁପା ଅଳଙ୍କାର ଚୋରି କରିନେଇଛନ୍ତି। ଜଗନ୍ନାଥ ବନ୍ତ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରାତିରେ ଗାଁରେ ହେଉଥିବା ଯାତ୍ରା ଦେଖିବାକୁ ସପରିବାର ଯାଇଥିଲେ। ରାତି ପ୍ରାୟ ୧ଟା ୩୦ ବେଳେ ତାଙ୍କ ପୁଅବୋହୂ ଘରକୁ ଫେରି ପଛପଟ ଝରକା, ଗ୍ରୀଲ୍ ଭାଙ୍ଗିଥିବା ଦେଖିଥିଲେ। ଘର ଭିତରେ ଲୁହା ଆଲମାରୀ ତାଲା ଭାଙ୍ଗି ସୁନାଗହଣା ସହ ନଗଦ ୧୫ ହଜାର ଟଙ୍କା ଚୋରି ହୋଇଛି। ନିକଟସ୍ଥ ଗ୍ରାମର ଜଣେ ଯୁବକଙ୍କ ଉପରେ ତାଙ୍କର ସନ୍ଦେହ ହେଉଛି। ପୋଲିସ ଏନେଇ ମାମଲା ରୁଜୁ କରି ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଜାରି ରଖିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଲାଲମୋହନ


@ରୋହିତ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଉମାରାଣୀ ଜିତିଲେ ଇ-ସ୍କୁଟର

**କନକ ଜୁଏଲେରିର ଲଟେରି ଉଠାଣ**

କେନ୍ଦୁଝର,୨।୬(ସ୍ୱ.ପ୍ର.)

କେନ୍ଦୁଝରର କନକ ଜୁଏଲେରୀ ବିଭିନ୍ନ ସମୟରେ ଗ୍ରାହକଙ୍କୁ ନେଇ ଲଟେରି ଉଠାଣ କରିଥାଏ। ଗତ ଏପ୍ରିଲଠାରୁ ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ପ୍ରତି ମାସରେ ଗ୍ରାହକଙ୍କ ପାଇଁ ଲଟେରି ଉଠାଣ ବ୍ୟବସ୍ଥା କରାଯାଇଛି। ଏହି ୫ ମାସ ମଧ୍ୟରେ ଯେଉଁ ଗ୍ରାହକ ୫ ହଜାରରୁ ଅଧିକ ଟଙ୍କାର ସୁନାଗହଣା କିଣାକିଣି କରିବେ, ତାଙ୍କୁ ଲଟେରି କୁପନ ପ୍ରଦାନ କରାଯାଉଛି। ତେବେ ଗତ ମେ’ରେ କନକ ଜୁଏଲେରି ସୁନାଗହଣା କିଣାକିଣି କରିଥିବା ଗ୍ରାହକଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ଏକ ଲଟେରି ଉଠାଣ ଅନୁଷ୍ଠିତ ହୋଇଥିଲା। ଏହି କୁପନଟି ଉଖୁଣ୍ଡାର ଉମାରାଣୀ ମହାନ୍ତଙ୍କ ନାମରେ ରହିଥିବା ବେଳେ ସେ ଚଳିତ ମାସର ଲଟେରି ଉଠାଣରେ ଏକ ଇ-ସ୍କୁଟର ଜିତିଛନ୍ତି। ଅତିଥି ଭାବେ ନଗରପାଳ ନିକୁ ସାହୁ, ଖବରଦାତା ପ୍ରଦୀପ ମହାନ୍ତି, ନରେଶ ପଟ୍ଟନାୟକ, ନିରଞ୍ଜନ ନାୟକ, ସୁଧାଂଶୁ ସାହୁ, ତାପସ ରଥ, ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଏସ୍ ମଲ୍‌ର ସ୍ୱତ୍ୱାଧିକାରୀ ଜିତେନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତିରେ ଲଟେରି ଉଠାଣ ହୋଇଥିଲା।




# ମେଧାବୀ ଅଭିନନ୍ଦନ ସମାରୋହ



ସମାରୋହରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୨।୬ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ମେଧାବୀ ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୩୭ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଭଲ ମଣିଷ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବନ୍ତ ବ୍ଲକର ୧୬ ଓ ଭଣ୍ଡାରିପୋଖରୀ ବ୍ଲକର ୨୧ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି, ପାଠ୍ୟ ଉପକରଣ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ବିଇଓ ଅଧିର କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ରାଇବଣିଆ, ୨।୬

ଭାଜପା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ତରଫରୁ ଶୁକ୍ରବାର ପଶ୍ଚିମବାର୍ଡ଼ଠାରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ପ୍ରତାପ ସେନାପତି ପୌରୋହିତ୍ୟ କରିଥିଲେ। ଭାଜପା ଯୁବନେତା ଦିବ୍ୟକାମ ମହାନ୍ତି ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ମେ ୩୦ଠାରୁ ଜୁନ ୩୦ ପର୍ଯ୍ୟନ୍ତ ହେବାକୁ ଥିବା ମହା ଜନସମ୍ପର୍କ ଅଭିଯାନ ବିଷୟରେ ଆଲୋଚନା କରାଯାଇଥିଲା। ଗାଁ ଗାଁରେ ମୋଦିଜୀଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ରାଇବଣିଆ ମଣ୍ଡଳର ସଭାପତି ମନୋଜ ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ଜଳେଶ୍ୱର ନଗର ଉପ-ସଭାପତି ସିଦ୍ଧେଶ୍ୱର ପଣ୍ଡା, ସାଧାରଣ ସମ୍ପାଦକ ସଞ୍ଜୀବ ରାଉତ, ଯତୀନ୍ଦ୍ର ସେନାପତି, ବିଦ୍ୟାଧର ବେହେରା, ରବୀନ୍ଦ୍ର ଦତ୍ତ, ରତ୍ନାକର ଜେନା, ହରେନ୍ଦ୍ର ବେହେରା, ନାଥୁରାମ ଅଣ୍ଡିଆ, ସତ୍ୟବାନ ଚାନ୍ଦ, ସତ୍ୟ ବେହେରା ଚନ୍ଦନ ଜେନା, ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ।

# ‘କବି ବ୍ରଜନାଥ ସାହିତ୍ୟ ଜଗତର ସାରସ୍ୱତ ସାଧକ’

**ନବମ ପୁଣ୍ୟତିଥି ପାଳିତ**

ବାଲେଶ୍ୱର ଅଫିସ, ୨।୬

ବାଲେଶ୍ୱର ସହର ମଲ୍ଲିକାଶପୁରସ୍ଥିତ କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ଓ କବି ବ୍ରଜନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଯଶସ୍ୱୀ କବି ବ୍ରଜନାଥ ରଥଙ୍କର ନବମ ପୂଣ୍ୟତିଥୀ ପାଳିତ ହୋଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରି କବି ରଥଙ୍କୁ ଜଣେ ସର୍ବକାଳୀନ ଶ୍ରେଷ୍ଠ କବି ଭାବରେ ଅଭିହିତ କରି ତାଙ୍କର କବିତା ପ୍ରତ୍ୟେକ ପାଠକଙ୍କ ହୃଦୟକୁ ସ୍ପର୍ଶ କରେ। ସେ ଓଡ଼ିଆ ସାହିତ୍ୟ ଜଗତର ଜଣେ ବିଶିଷ୍ଟ ସାରସ୍ୱତ ସାଧକ। ମରୁଗୋଲାପ, ନିଜସ୍ୱ ସଂଳାପ, ନିଃଶବ୍ଦ ପ୍ରତିବାଦ, ମନର ମାନଚିତ୍ର, ସଭ୍ୟତାର ମୁହଁ, ସମୟର ଶବ୍ଦଲିପି, ଲଘୁଶତକ, ସାମାନ୍ୟ ଅସାମାନ୍ୟ ଭଳି ଅନେକ କାଳଜୟୀ କାବ୍ୟ ସଂକଳନର ସେ ସ୍ରଷ୍ଟା ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ କବି ରଥଙ୍କର ଜୀବନୀ ଓ ସାହିତ୍ୟକୁ ନେଇ ବିଶେଷ ଆଲୋଚନା ହୋଇଥିଲା। ଡ. ସୁବାସ ଚନ୍ଦ୍ର ପାତ୍ର କବିଙ୍କର ମାନବବାଦୀ ସାହିତ୍ୟ ସମ୍ପର୍କରେ ଆଲୋଚନା କରି କହିଲେ ଯେ, ଦଳିତ ଶୋଷିତ ସାଧାରଣ ମଣିଷର ଦରଦୀ କବି ଥିଲେ ବ୍ରଜନାଥ ରଥ। ସେହିପରି ଡ. ଶିରିଶ ଚନ୍ଦ୍ର ଜେନା କବି ବ୍ରଜନାଥଙ୍କର ସାହିତ୍ୟରେ ବ୍ୟଙ୍ଗ ଓ ବିଦ୍ରୋହ କେମିତି ପାଠକୀୟ ଚେତନାକୁ ସ୍ପନ୍ଦିତ କରେ ସେ ବିଷୟରେ ଆଲୋଚନା କରିଥିଲେ। କବି କାଳିକିଙ୍କର କବିଙ୍କର ସାରସ୍ୱତ ଜୀବନ ଯାତ୍ରାର ସାମଗ୍ରିକ ଦିଗ ଉପରେ ଆଲୋଚନା କରିଥିଲେ। ଶୈଶବରୁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କବିଙ୍କର ଘଟଣାବହୁଳ ଜୀବନର ଅନେକ ତଥ୍ୟ ଉପସ୍ଥାପିତ କରିବା ସହ କବିଙ୍କର ସାନ୍ନିଧ୍ୟ କେମିତି ତାଙ୍କ ଜୀବନକୁ ପୁଷ୍କଳ କରିଛି ସେ ବିଷୟରେ ଆଲୋକପାତ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦ ସାଧାରଣ ସମ୍ପାଦକ ଦୀପକ ବୋଷ ପ୍ରାକ୍ କଥନରେ କବି ରଥଙ୍କ ଏହି ପୂଣ୍ୟ ତିଥି ସାରା ଓଡ଼ିଶାରେ ପାଳିତ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। କବିଙ୍କର ସାନପୁଅ ବ୍ରହ୍ମ ରଥ କବି ରଥ ଜଣେ ଆଦର୍ଶ ପିତା ଥିଲେ ବୋଲି ମତବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କବିଙ୍କର ଜ୍ୟେଷ୍ଠ କନ୍ୟା ମନସ୍ୱିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।



କବି ବ୍ରଜନାଥ ରଥଙ୍କ ନବମ ପୁଣ୍ୟତିଥି କାର୍ଯ୍ୟକ୍ରମରେ ଅତିଥିଗଣ।

# ସଡ଼କ ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

ବସ୍ତା, ୨।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଡ଼ିଆ ନିକଟରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟି ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଘଣ୍ଟିଆଡ଼ି ଗ୍ରାମର ମଙ୍ଗୁଳି ଚରଣ ସାହୁଙ୍କ ପୁଅ ପ୍ରହ୍ଲାଦ ସାହୁ(୪୭)। ପ୍ରହ୍ଲାଦ ବାଲିଆପାଳରୁ ସ୍କୁଟି (ନଂ. ଓଡ଼ି୦୧ଏ-ଏଗ୍‌୮୦୮) ଯୋଗେ ବାଲେଶ୍ୱରସ୍ଥିତ ଖାଡ଼େଶ୍ୱର କଲେଜକୁ ନିଜର ପୁଅକୁ ଆଣିବାକୁ ଯାଉଥିବା ବେଳେ ଏକ ବୋଲେରୋ ସହ ଧକ୍କା ହୋଇଥିଲା। ତେବେ ଦୁର୍ଘଟଣା ଘଟିବା ପରେ ରାଜପଥ ଉପରେ ଯାଉଥିବା ବସ୍ତା ବ୍ଲକ୍‌ର ସହକାରୀ ଯନ୍ତ୍ରୀ କୁଇଲୁ ଗୁଡୁ ତୁରନ୍ତ ବ୍ଲକ ଗାଡ଼ିରେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

